## କରମଣ୍ଡଳରୁ ଖସି ଯୁବକ ଗୁରୁତର

ବସ୍ତା,(ହରିଶଙ୍କର ପାଢ଼ୀ)- ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଟିକରାପଡ଼ା ଗେଟ ନିକଟରେ କରମଣ୍ଡଳ ଏକ୍ସପ୍ରେସରୁ ଖସିପଡ଼ି ଜଣେ ଯାତ୍ରୀ ଗୁରୁତର ହୋଇଛନ୍ତି। ସେ ହେଲେ ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଅଞ୍ଚଳର ଅବଦୁଲ କୁଦୁଶ। ଚିକିତ୍ସା ପାଇଁ ତାଙ୍କୁ ବସ୍ତା ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁବାର ସକାଳେ ସେ କରମଣ୍ଡଳ ଏକ୍ସପ୍ରେସରେ ଚେନ୍ନାଇରୁ ନିଜ ଘର ମୁର୍ଶିଦାବାଦ ଫେରୁଥିବା ବେଳେ ଟିକରାପଡ଼ା ଗେଟ ନିକଟରେ ହଠାତ୍ ଖସି ପଡ଼ିଥିଲେ। ବସ୍ତା ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

# ଚିନ୍ତା ବଢ଼ାଇଛି ନିଅଣ୍ଟିଆ ବର୍ଷା

ଚମ୍ପୁଆ,୧୩।୭(ମହେଶ୍ୱର ଦାସ)

କୃଷି ଜିଲା ଚମ୍ପୁଆ ଅଧୀନରେ ଥିବା ଚମ୍ପୁଆ ବ୍ଲକ୍‌ରେ ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ହୋଇଛି। ବର୍ଷାକୁ ଅନାଇ ଧାନ ତଳି ପକାଇଥିବା ଚାଷୀ ମୁଣ୍ଡରେ ହାତ ଦେଲେଣି। କେଉଁଠି ତଳି ବୁଢ଼ାହେବାକୁ ବସିଲାଣି ତ କେଉଁଠି ଜମି ହଳ କରି ରୁଆ ଧାନ କରିବାକୁ ଲକ୍ଷ୍ୟ ରଖିଥିବା ଚାଷୀ ବର୍ଷାକୁ ଚାହିଁ ବସିଛି। ନିଅଣ୍ଟିଆ ବର୍ଷା ଯୋଗୁ ପାଣି ଅଭାବରେ ତଳି ମରୁଡ଼ି ହେବା ଆଶଙ୍କା ବଢ଼ାଇଛି। ପୂର୍ବ ବର୍ଷ ଅପେକ୍ଷା ଚଳିତବର୍ଷ ସମୟ ହୋଇଯାଇଥିଲେ ମଧ ଧାନ ଚାଷ ପାଇଁ ଅନୁକୂଳ ପାଗ ହୋଇପାରୁନାହିଁ। ଫଳରେ କ୍ଷତିର ଆଶଙ୍କା ବୃଦ୍ଧି ପାଉଥିବା ବେଳେ ଚାଷୀଙ୍କ ମନରେ ହତାଶ ଭାବ ଦେଖାଦେଇଛି।

ସୂଚନା ଅନୁଯାୟୀ, ୨୦୨୨ରେ ଚାଷର ଟାର୍ଗେଟ ଅନୁସାରେ ଧାନ ୧୩,୮୦୦ ହେକ୍ଟର, ଶସ୍ୟ ଜାତୀୟ ୧୬,୧୭୦ ହେକ୍ଟର ଓ ମକା, ମାଣ୍ଡିଆ ଆଦି ୧୬୫୦ ହେକ୍ଟର ରହିଥିବା ବେଳେ ଚଳିତ ବର୍ଷ ଜୁନ୍ ସୁଦ୍ଧା ଧାନ ୮୫୫ ହେକ୍ଟର, ଶସ୍ୟ ଜାତୀୟ ୨୦୮୫ ହେକ୍ଟର, ଡାଲି ଜାତୀୟ ୨୮୦ ହେକ୍ଟର ଓ ତୈଳ ଜାତୀୟ ୨୫୨ ହେକ୍ଟର ଚାଷ କରାଯାଇଛି। ସେହିପରି ଝୁମ୍ପୁରା ବ୍ଲକ୍‌ରେ ବର୍ତ୍ତମାନ ସୁଦ୍ଧା ଧାନ ୫୬ ହେକ୍ଟର, ଶସ୍ୟ ଜାତୀୟ ୨୦୯ ହେକ୍ଟର, ଡାଲି ଜାତୀୟ ୮୫ ହେକ୍ଟର ଓ ତୈଳ ଜାତୀୟ ୩୭ ହେକ୍ଟର ଚାଷ ହୋଇଛି। ଏହା ସହ ଯୋଡ଼ା ବ୍ଲକ୍‌ରେ ଜୁନ ସୁଦ୍ଧା ଧାନ ୨୯୧ ହେକ୍ଟର, ଶସ୍ୟ ଜାତୀୟ ୩୫୦ ହେକ୍ଟର, ଡାଲି ଜାତୀୟ ୨୩୦ ହେକ୍ଟର ଓ ତୈଳ ଜାତୀୟ ୨୮ ହେକ୍ଟର ଜମିରେ ଅଦ୍ୟାବଧି ଚାଷ କରାଯାଇଛି। ପୂର୍ବ ବର୍ଷ ତୁଳନାରେ ଏହି ଚାଷ ଆଶାଠାରୁ ବହୁ ଗୁଣରେ କମ୍ ହୋଇଛି। ସେହିପରି ୨୦୨୨ ଜୁନ୍ ସୁଦ୍ଧା ଚମ୍ପୁଆ ବ୍ଲକ୍‌ରେ ୧୩୩.୭୦ ମି.ମି. ବର୍ଷା ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୫୯ ମି.ମି. ବର୍ଷା ହୋଇଛି। ଗତ ବର୍ଷ ଯୋଡ଼ାରେ ୧୨୬.୨୦ ମି.ମି. ଓ ଝୁମ୍ପୁରାରେ ୭୪.୪୦ ମି. ମି. ବର୍ଷା ହୋଇଥିବା ବେଳେ ଚଳିତ ବର୍ଷ ଜୁନ୍ ସୁଦ୍ଧା ଯୋଡ଼ାରେ ୧୫୧.୭୦ ମି.ମି. ଓ ଝୁମ୍ପୁରାରେ ୨୧୭.୭୦ ମି.ମି. ବର୍ଷା ହୋଇଛି। ଚମ୍ପୁଆ ବ୍ଲକ୍‌ରେ ଚାଷୀ ଜମିରେ ହଳକରି ବର୍ଷାକୁ ଅପେକ୍ଷା କରିଛନ୍ତି। ଯଦି ଉପଯୁକ୍ତ ସମୟରେ ବର୍ଷା ନ ହୁଏ, ଚଳିତ ବର୍ଷ ଚାଷୀ ଚାଷ କାର୍ଯ୍ୟ ଆଗକୁ ବଢ଼ାଇପାରିବ କି ନାହିଁ ତାହା ଏବେ ଚାଷୀକୁଳଙ୍କୁ ସନ୍ଦେହରେ ପକାଇଛି।



ତଳି ପକାଇବା ପାଇଁ ଚାଷ ହୋଇପଡ଼ିଥିବା ଜମି।

**ଚମ୍ପୁଆ କୃଷି ଜିଲା**

## ଜମି ଫାଟି ଆଁ, ଚାଷ କାର୍ଯ୍ୟ ପଛୁଆ



ବର୍ଷା ଅଭାବରୁ ଜମି ଫାଟିଯାଇଛି।

ଗୋପବନ୍ଧୁ ନଗର,୧୩।୭ (ଶାନ୍ତନୁ କୁମାର ମହୁଆଳ)

ଜୁନ ସରି ଜୁଲାଇ ଅଧା ହେଲାଣି। ଅର୍ଥାତ ଆଷାଢ଼ ସରି ଶ୍ରାବଣ ଚାଲିଥିବା ବେଳେ ଆବଶ୍ୟକ ବର୍ଷା ହୋଇନାହିଁ। ପ୍ରତିବର୍ଷ ପହିଲି ଆଷାଢ଼ ବର୍ଷାରେ ଚାଷୀ ତଳିପକା କାର୍ଯ୍ୟ ଆରମ୍ଭ କରିଥାଏ। ଜୁଲାଇ ପ୍ରଥମ ସପ୍ତାହ ବେଳକୁ ରୁଆ ପୋତା କାର୍ଯ୍ୟ ଆରମ୍ଭ ହୋଇଯାଇଥାଏ। ଜୁଲାଇ ପ୍ରଥମ ସପ୍ତାହ ସୁଦ୍ଧା ୪୫୦ ମିଲି ମିଟର ବର୍ଷାର ଆବଶ୍ୟକତା ଥିବା ବେଳେ ଏ ବର୍ଷ ୧୦ ପ୍ରତିଶତ ବିବର୍ଷା ହୋଇ ନ ଥିବା କୃଷିବିଭାଗ ପକ୍ଷରୁ କୁହାଯାଇଛି। ବର୍ଷା ଅଭାବରେ ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍‌ର ଚାଷ ଜମି ଫାଟି ଆଁ କଲାଣି। ଫଳରେ ଚାଷ କାର୍ଯ୍ୟ ପଛୁଆ ହୋଇଯାଇଛି।

ଉକ୍ତ ବ୍ଲକ୍‌ରେ ୨୦୨୨ ରେ ୧୦ ହଜାର ୧୨୭ ହେକ୍ଟର ଜମିରେ ଖରିଫ ଚାଷ ହୋଇଥିବା ବେଳେ ଏ ବର୍ଷ କୃଷି ବିଭାଗ ଆଜି ପର୍ଯ୍ୟନ୍ତ ଆକଳନ କରିପାରିନାହିଁ କେତେ ଜମି ଚାଷ ହେବ। ପ୍ରତି ବର୍ଷ ମେ' ରେ ଚାଷୀ ତଳିଆ ଅଞ୍ଚଳର ଜମିରେ ଧାନ ବୁଣା କାର୍ଯ୍ୟ କରି ଆସୁଥିବା ବେଳେ ଏ ବର୍ଷ ପାଣିପାଗ ଅନୁକୂଳ ନ ଥିବାରୁ ଧାନବୁଣା ହୋଇପାରିନାହିଁ। ପୂର୍ବ ବର୍ଷ ଅପେକ୍ଷା ଚାଷୀ ଏବେ ରୁଆ ପୋତା ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ନିଅଣ୍ଟିଆ ବର୍ଷା ପାଇଁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଜଳସେଚିତ ଅଞ୍ଚଳରେ ମାତ୍ର ୫ ପ୍ରତିଶତ ଜମିରେ ସପ୍ତାହ ହେବ ତଳି ପକାଯାଇଥିବାର ଦେଖିବାକୁ ମିଳିଛି। ଚଳିତ ବର୍ଷ ୪ ଶହ କୁଇଣ୍ଟାଲ ଉନ୍ନତ କିସମର ଧାନ ବିହନ ଚାଷୀମାନଙ୍କୁ ଯୋଗାଇ ଦେବାର ଲକ୍ଷ୍ୟ ଥିବା ବେଳେ ଜୁନ୍ ଶେଷ ସୁଦ୍ଧା ୩୦୪ କୁଇଣ୍ଟାଲ ଧାନ ଆସି ସାରିଛି। ମାତ୍ର ଆଜି ସୁଦ୍ଧା ୧୩୭ କୁଇଣ୍ଟାଲ ଧାନ ବିହନ ବିକ୍ରି ହୋଇଥିବା ବ୍ଲକ୍ କୃଷି ଅଧିକାରୀ ହାଡ଼ିବନ୍ଧୁ ପଣ୍ଡା କହିଛନ୍ତି। ନିୟମିତ ବର୍ଷା ଅଭାବରୁ ଗଡ଼ିଆ ପୋଖରୀ ମଧ ଶୁଖିଲା ପଡ଼ିଛି। ଅନ୍ୟପଟେ ବ୍ଲକ୍‌ର ମାତ୍ର ୧୦ ପ୍ରତିଶତ ଜମି ଜଳସେଚିତ ହୋଇଥିବା ବେଳେ ସେଥିରୁ ୫ ପ୍ରତିଶତ ଜମିରେ ବି ପାଣି ମାଡୁନାହିଁ। ଫଳରେ ଅନେକ ଜମି ଫାଟିଗଲାଣି। ଉକ୍ତ ବ୍ଲକ୍‌ରେ ୮୦ ପ୍ରତିଶତ ଲୋକେ କୃଷି ଉପରେ ନିର୍ଭରଶୀଳ। କୃଷି କହିଲେ କେବଳ ମାତ୍ର ଧାନ ଚାଷ। ଏଥିରେ ହିଁ ଲୋକେ ଗୁଜୁରାଣ ମେଣ୍ଟାଇଥାଆନ୍ତି। ଆଗାମୀ ଦିନରେ ସ୍ୱାଭାବିକ ବର୍ଷା ନ ହେଲେ ଚାଷୀ ବର୍ଷର ଆହାର ସଂଗ୍ରହ କରିବାରେ ବି ଆଶଙ୍କା ପ୍ରକାଶ ପାଇଛି।

## ସଂକ୍ଷେପରେ

### ଧାନକିଣା ନେଇ ଚାଷୀ ପଞ୍ଜୀକରଣ ପ୍ରଶିକ୍ଷଣ

ଧାମନଗର,୧୩।୭ (ଦେବେନ୍ଦ୍ର ଆନ୍ଦିଆ)- ଭଦ୍ରକ ଜିଲା ଧାମନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଧାନକିଣା ପାଇଁ ଚାଷୀ ପଞ୍ଜୀକରଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ଅଧୀନ ୧୨ ସମବାୟ ସମିତିର ସମ୍ପାଦକ, ଡାଟାଏଣ୍ଟ୍ରି ଅପରେଟର ଓ ସ୍ୱୟଂସହାୟକ ଗୋଷ୍ଠୀ ସଭାପତିମାନେ ଏଥିରେ ଭାଗ ନେଇଥିଲେ। ଜିଲା ସହକାରୀ ନିବନ୍ଧକ ସମବାୟ ସମିତି ସମୃଦ୍ଧ ପ୍ରାଚୀକା ଜେନା, ସମବାୟ ସମିତି ଉପ ସହକାରୀ ନିବନ୍ଧକ ସତ୍ୟ ପ୍ରକାଶ ସେଠୀ, ଚନ୍ଦ୍ରଶେଖର ପାତ୍ର, କ୍ଷେତ୍ର ଅଧିକାରୀ ମୃତ୍ୟୁଞ୍ଜୟ ପଣ୍ଡା, ମିଶନ ଶକ୍ତିର ସନ୍ଦିପ୍ତା ରାଉତ ପ୍ରମୁଖ ସମବାୟ ସମିତି କାର୍ଯ୍ୟକର୍ତ୍ତାଙ୍କୁ ତାଲିମ ଦେଇଥିଲେ। ଗତବର୍ଷ ୮୯ ହଜାର କୁଇଣ୍ଟାଲ ଧାନ କିଣା ଯାଇଥିବାବେଳେ ଚଳିତବର୍ଷ ଅଧିକ କ୍ରୟ ଲାଗି ଲକ୍ଷ୍ୟ ରଖାଯାଇଛି। ଚାଷୀମାନଙ୍କ ବଳକା ଧାନ ବିକ୍ରିରେ ଯେମିତି ଅସୁବିଧା ନ ହୁଏ, ସେ ଦିଗରେ ମଣ୍ଡି ଅଧିକାରୀମାନେ ସଚେତନ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାବ୍ୟତୀତ ସମସ୍ତ ମଣ୍ଡିରେ ଧାନ କିଣା ନେଇ ସଚେତନ ବ୍ୟାନର ଲଗାଯିବାକୁ ବ୍ୟବସ୍ଥା ହୋଇଛି। ଚାଷୀମାନେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ଆଧାରକାର୍ଡ ଅପ୍‌ଡେଟ କରିବାକୁ କୁହାଯାଇଥିଲା।

### ନାଳରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ,୧୩।୭(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଭୋଲବେଡ଼ା ପଞ୍ଚାୟତ ଭୋଲବେଡ଼ା ଗ୍ରାମ ବାଲିସାହିରେ ଜଣେ ଯୁବକଙ୍କ ନାଳରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ବାଲିସାହିର ନାରଣ ମୁଣ୍ଡା(୩୧)। ସେ ବୁଧବାର ବିଲ କାମ ସାରି ସନ୍ଧ୍ୟାରେ କାଶିବେଡ଼ା ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକ ନାଳକୁ ଖୋଜିବା ପାଇଁ ଯାଇଥିଲେ। ନାଳରେ ଭାସୁଥିବା ଦେଖି ତାଙ୍କୁ ଘଟଗାଁ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ଢେଙ୍କିକୋଟ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

### ବସ୍‌ରେ ଦିବ୍ୟାଙ୍ଗଙ୍କୁ ଦୁର୍ବ୍ୟବହାର

ବାରିପଦା, ୧୩।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ଯାତ୍ରୀବାହୀ ବସରେ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ପରିବହନ ବିଭାଗ ନିୟମାବଳୀରେ ଥିବା ବେଳେ ବିଭିନ୍ନ ସମୟରେ ସେମାନଙ୍କୁ ଉଚିତ ସୁବିଧା ମିଳୁନି। ନିଜର ହକ୍ ପାଇଁ ଯଦି କେହି ଦିବ୍ୟାଙ୍ଗ ପାଟି ଖୋଲିଲେ ତେବେ ସେମାନେ ଆକ୍ରୋଶର ଶିକାର ହେଉଛନ୍ତି। ସ୍ଥାନୀୟ ବାରିପଦା ବସଷ୍ଟାଣ୍ଡରେ ଗୁରୁବାର ଏପରି ଏକ ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଝାରପୋଖରିଆ ଥାନା ଅଧୀନ ରାଜଲୋକା ଗ୍ରାମର ଶତପ୍ରତିଶତ ଦିବ୍ୟାଙ୍ଗ ଲକ୍ଷ୍ମଣ ଦାସ ବାରିପଦାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। କାର୍ଯ୍ୟ ସାରି ନିଜ ପତ୍ନୀଙ୍କ ସହିତ ଘରକୁ ଫେରିବା ବେଳେ ଗୁରୁବାର ଅପରାହ୍ନରେ ବାରିପଦା-ଝାରପୋଖରିଆ ରୁଟ୍‌ରେ ଚଳାଚଳ କରୁଥିବା ଏକ ବସ୍‌ର କଣ୍ଡକ୍ଟର ଉଭୟଙ୍କୁ ଦୁର୍ବ୍ୟବହାର କରିଥିବା ସେ ଜିଲା ଆରକ୍ଷୀ ଅଧୀକ୍ଷକ ବି ଗଙ୍ଗାଧର ଓ ଆଞ୍ଚଳିକ ପରିବହନ ଅଧିକାରୀ ବି ବେହେରାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜିଲା ଦିବ୍ୟାଙ୍ଗ ସଂଘ ସଭାପତି ମଧ ତାଙ୍କ ସହିତ ଯାଇ ବାରମ୍ବାର ଯାତ୍ରୀବାହୀ ବସରେ ଦିବ୍ୟାଙ୍ଗମାନେ ସୁବିଧା ସୁଯୋଗରୁ ବଞ୍ଚିତ ରହୁଥିବା ଅଧିକାରୀ ଦ୍ୱୟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# 'ଗୋମାତା ରାଷ୍ଟ୍ରର ଶ୍ରେଷ୍ଠ ସମ୍ପତ୍ତି'




ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟମାନେ ସୁରଭି ପୁସ୍ତିକା ଉନ୍ମୋଚନ କରୁଛନ୍ତି।

**ବ୍ଲକସ୍ତରୀୟ ପ୍ରାଣୀଧନ ମେଳା, କୃଷକ ପ୍ରଶିକ୍ଷଣ ଶିବିର**

ରୂପ୍‌ସା,୧୩।୭(ବାଞ୍ଛାନିଧି ଦେ)

ଜାତୀୟ ପ୍ରାଣୀଧନ ମିଶନ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ଅନ୍ତର୍ଗତ ବସ୍ତା ବ୍ଲକସ୍ତରୀୟ ପ୍ରାଣୀଧନମେଳା ତଥା କୃଷକପ୍ରଶିକ୍ଷଣ ଶିବିର କୁଳିଦା ପଞ୍ଚାୟତର ଗୁଡ଼ିଖାଲଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଗୋମାତା ହେଉଛି ରାଷ୍ଟ୍ରର ଶ୍ରେଷ୍ଠ ସମ୍ପତ୍ତି। ପ୍ରାଣୀ ସମ୍ପଦର ବିକାଶ ମାଧ୍ୟମରେ କୃଷକଙ୍କ ଆର୍ଥିକ ମାନଦଣ୍ଡର ବୃଦ୍ଧି ଘଟିବ ବୋଲି ମନ୍ତ୍ରୀ ପାତ୍ର ଏହି ଅବସରରେ ତାଙ୍କ ବକ୍ତବ୍ୟରେ କହିଥିଲେ।

ମୁଖ୍ୟବକ୍ତା ଭାବେ ବରିଷ୍ଠ ବୈଜ୍ଞାନିକ ଡ. ସ୍ୱାଗତିକା ସାହୁ, ସମ୍ମାନିତ ଅତିଥି ବିଡିଓ ସତ୍ୟଜିତ ମହାନ୍ତି, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ବନମାଳୀ ସାହୁ, ବ୍ଲକ ଅଧକ୍ଷା ଅଞ୍ଜଳି ଦାସ, ବ୍ଲକ ଉପାଧ୍ୟକ୍ଷ ଦିଲ୍ଲୀପ ଦାସ ମହାପାତ୍ର, ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବୁରୁଡ଼ି, ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି, ସମିତିସଭ୍ୟା ରଞ୍ଜିତା ପ୍ରଧାନ, ବାମୁଲର ସାଧାରଣ ପରିଚାଳକ ରଶ୍ମିରେଖା ବିନ୍ଧାଣି ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ପ୍ରାଣୀଧନ ଯୋଜନା ମାଧ୍ୟମରେ କିଭଳି ସ୍ୱାବଲମ୍ବୀ ହେବା ସେ ଦିଗରେ ଗୁରୁତ୍ୱାରୋପ କରିଥିଲେ। ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ଲଲାଟେନ୍ଦୁ କେଶରୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ଗୋବତ୍ସା ପ୍ରଦର୍ଶନୀ, ଶ୍ରେଷ୍ଠ ପ୍ରାଣୀ ସମ୍ପଦ ଚୟନ, କୃଷକ ସମ୍ବର୍ଦ୍ଧନା ଓ କୃଷକ-ବୈଜ୍ଞାନିକ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସୁରଭି ପୁସ୍ତିକା ଉନ୍ମୋଚିତ ହୋଇଥିଲା। ପ୍ରାଣୀ ସମ୍ପଦ ବିଭାଗ ବାଲେଶ୍ୱର ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ବହୁ ଅଗ୍ରଣୀ କୃଷକ ଉପସ୍ଥିତ ଥିଲେ।

## ହିତାଧିକାରୀଙ୍କ ଚାଉଳ ହଡ଼ପ ଅଭିଯୋଗ
## ୩ ଦିନ ଭିତରେ ସମାଧାନ ନ ହେଲେ ବ୍ଲକ ଘେରାଉ

ଚାନ୍ଦବାଲି, ୧୩।୭ (ଅଶୋକ କୁମାର ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମଉସୁଧା ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀମାନଙ୍କର ୨ ମାସର (୨୦୨୨ ନଭେମ୍ବର ଓ ଡିସେମ୍ବର)ର ଫ୍ରି କୋଟା ଚାଉଳକୁ ଡିଲର ବାଟମାରଣା କରିଥିବା ଅଭିଯୋଗ ହୋଇଛି। ଚାଉଳ ହଡ଼ପ ଯୋଗୁ ପଞ୍ଚାୟତ ଅଧୀନ ୬ ଗ୍ରାମର ହିତାଧିକାରୀ ଫ୍ରି କୋଟା ପାଇବାରୁ ବଞ୍ଚିତ ହୋଇଥିଲେ। ସରପଞ୍ଚ ସୁରଭି ନାୟକଙ୍କ ନେତୃତ୍ୱରେ ଶତାଧିକ ହିତାଧିକାରୀ ଏନେଇ ବିଡିଓ ଜ୍ୟୋତିବିକାଶ ଦାସଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଯୋଗାଣ ଅଧିକାରୀ ଅନୁପସ୍ଥିତ ଥିବାରୁ ବିଡିଓ ୩ଦିନ ମଧ୍ୟରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ଯୋଗ୍ୟ ହିତାଧିକାରୀମାନେ ସେମାନଙ୍କ ଫ୍ରି କୋଟା ଚାଉଳ ଫେରିପାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ତିନିଦିନ ମଧ୍ୟରେ କୌଣସି ସମାଧାନ ନ ହେଲେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ହିତାଧିକାରୀମାନେ ଚେତାବନୀ ଦେଇଛନ୍ତି।

## ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ



ଉଚ୍ଛେଦ ବେଳେ ଦୋକାନୀମାନେ ହୋହଲ୍ଲା କରୁଛନ୍ତି।

ଭୋଗରାଇ,୧୩।୭(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମୁଖ୍ୟ ରାସ୍ତା ଉଭୟ ପାର୍ଶ୍ୱରେ ସରକାରୀ ଜାଗାରେ ବେଆଇନ ଭାବେ ବହୁ ଦୋକାନ ଘର ଓ ବାସଗୃହ ଗଢ଼ିଉଠିଥିବାରୁ ରାସ୍ତା ନିର୍ମାଣ ଓ ପ୍ରଶସ୍ତୀକରଣରେ ବାଧା ସୃଷ୍ଟି ହେଉଥିଲା। ପ୍ରଶାସନ ସମସ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ନିମନ୍ତେ ଏବେ ତତ୍ପର ହୋଇଉଠିଛି। ବୁଧବାର ଭୋଗରାଇ ହାଟଠାରୁ ଭୁଆବନ୍ଧ ପନ୍ତେଇ ଘାଟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଶତାଧିକ ବେଆଇନ ଦୋକାନଗୃହକୁ ଭୋଗରାଇ ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସ ଜେସିବି ମେଶିନ ଲଗାଇ ହଟାଇ ଦେଇଛି। ଉଚ୍ଛେଦ ବେଳେ ସେଠାରେ ସ୍ଥାନୀୟ ଦୋକାନୀ ପ୍ରତିବାଦ କରିବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଉଠା ଦୋକାନୀମାନେ ଗରିବଶ୍ରେଣୀର ହୋଇଥିବାରୁ ସେମାନଙ୍କର ଜୀବନଜୀବିକା ପ୍ରଭାବିତ ହେବ ବୋଲି ସ୍ଥାନୀୟ ଲୋକେ ତହସିଲଦାରଙ୍କୁ ଗୁହାରି କରିଥିଲେ। ତେବେ ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଉଚ୍ଛେଦ ବେଳେ ରାଜସ୍ୱ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ସହିତ ଭୋଗରାଇ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଭଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ। ଅପରପକ୍ଷରେ ଖୁବ୍ ଶୀଘ୍ର ଭୋଗରାଇ ହାଟଠାରୁ ଥାନାଛକ ଓ ଦେଉଳା ରାସ୍ତା, ବାଟଗ୍ରାମଠାରୁ ଚନ୍ଦନେଶ୍ୱର ରାସ୍ତା ଉଭୟ ପାର୍ଶ୍ୱରେ ଥିବା ବେଆଇନ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ତହସିଲଦାର ପଟ୍ଟନାୟକ ସୂଚନା ଦେଇଛନ୍ତି।

# ବିଦ୍ୟାଳୟ ସମସ୍ୟା ନେଇ ଛାତ୍ରୀଛାତ୍ରଙ୍କ ଧାରଣା

**ଉପଜିଲାପାଳଙ୍କୁ ଜଣାଇବାକୁ ୨୫ କି.ମି. ଚାଲିଚାଲି ଆସିଲେ**

କରଞ୍ଜିଆ,୧୩।୭(କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ ଅଧୀନ ଦୁଧିଆଣୀ ପଞ୍ଚାୟତର ପୁରୁଣାପାଣି ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ର ବିଦ୍ୟାଳୟର ସମସ୍ୟା ନେଇ ବୁଧବାର ଧାରଣା ଦେଇଥିଲେ। ଉପ ଜିଲାପାଳଙ୍କୁ ଜଣାଇବାକୁ ସେମାନେ ବିଦ୍ୟାଳୟଠାରୁ ପ୍ରାୟ ୨୫ କି.ମି. ଦୂର ଚାଲିଚାଲି ଆସିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ନାଏକ ଏବଂ ସଦସ୍ୟ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହଯୋଗରେ ସେମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ସହ ଧାରଣା ଦେଇଥିଲେ। ତେବେ ଉପଜିଲାପାଳଙ୍କ ଅନୁପସ୍ଥିତିରେ କରଞ୍ଜିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଦାନନ୍ଦ ଆଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଖୁବ୍‌ଶୀଘ୍ର ବିଦ୍ୟାଳୟ ସମସ୍ୟାର ସମାଧାନ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ପିଲାମାନେ ଧାରଣାରୁ ଉଠିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ଦଳେଇ,ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ଏବଂ କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ସୁଚନ୍ଦ୍ର ମହାଳିକ ପହଞ୍ଚି ପିଲାମାନଙ୍କୁ ବୁଝାଶୁଝା କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଦଳେଇଙ୍କୁ ଏସମ୍ପର୍କରେ ପଚାରିବାରୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜଗବନ୍ଧୁ ମହାନ୍ତଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯାଇଛି ଏବଂ କେଉଁ ପରିସ୍ଥିତିରେ ପିଲାମାନେ ପାଠପଢ଼ା ସମୟରେ ଏତେ ରାସ୍ତା ଚାଲିଚାଲି ଆସିଲେ ସେ ବିଷୟରେ ତଦନ୍ତ କରାଯିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଦୁଧିଆଣୀ ପଞ୍ଚାୟତ ହାତୀବାରିଠାରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ବୁଡ଼ି ଅଞ୍ଚଳ ଭାବେ ବିବେଚିତ ହୋଇ ପୁରୁଣାପାଣି ଉଚ୍ଚ ବିଦ୍ୟାଳୟ ନୂତନ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲା। ହେଲେ ସମସ୍ତ ମୌଳିକ ବ୍ୟବସ୍ଥା କରା ନ ଯାଇ ପିଲାମାନଙ୍କୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପାଠ ପଢିବା ଓ ରହିବା ପାଇଁ ଛାଡ଼ି ଦିଆଗଲା। ନୂତନସ୍ଥାନଟି ଜଙ୍ଗଲ ପରିବେଷ୍ଟିତ ଅଞ୍ଚଳ ହୋଇଥିବାରୁ ବନ୍ୟଜନ୍ତୁଙ୍କ ଭୟ ରହିଛି। ଫଳରେ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ପାଚେରୀ ଆବଶ୍ୟକ ରହିଛି। ଏହା ବ୍ୟତୀତ ଏଠାରେ ଛାତ୍ରାବାସ ଥିଲେ ମଧ ବିଦ୍ୟାଳୟ ଏବଂ ଛାତ୍ରାବାସରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ନ ଥିବାରୁ ପିଲାମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

# '୯ବର୍ଷ ଶାସନ କାଳରେ ଦେଶର ଗୌରବ ବଢ଼ିଛି'

ଭଣ୍ଡାରିପୋଖରୀ, ୧୩।୭ (ରବିନାରାୟଣ ଖିଲାର )

ମୋଦୀଙ୍କ ୯ବର୍ଷ ଶାସନ କାଳରେ ଦେଶରେ ସୁଶାସନ, ଗରିବକଲ୍ୟାଣ ଯୋଜନା ଓ ଅର୍ଥନୈତିକ ବିକାଶ, ଦେଶର ଗୌରବ ବୃଦ୍ଧି ହୋଇଛି। ବିଶ୍ୱରେ ଦେଶର ଗରିମା ବୃଦ୍ଧି ପାଇଛି। ମୋଦୀଙ୍କ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ସୁଫଳ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ସମସ୍ତଙ୍କ ନିକଟରେ ଯୋଜନା ପହଞ୍ଚାଇବା ପାଇଁ ପ୍ରୟାସ ଜାରି ରଖିବାକୁ ଭାଜପାର ଭଣ୍ଡାରିପୋଖରୀ ବିଧାନସଭାସ୍ତରୀୟ ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ ଆହ୍ୱାନ ଦେଇଛନ୍ତି। ଗୁରୁବାର ବାରିକପୁର ନିକଟସ୍ଥ ଅମର କଲ୍ୟାଣ ମଣ୍ଡପଠାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଧାନସଭା କ୍ଷେତ୍ର ନେତା ବଦ୍ରି ନାରାୟଣ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ଜିଲା ସଭାପତି ହେମନ୍ତ କୁମାର ପାଢ଼ୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଓ ଦଳୀୟ ସଙ୍ଗଠନ ସମ୍ପର୍କରେ ଆଲୋକପାତ କରିଥିଲେ। ଦଳର ଜିଲା ଉପସଭାପତି ତଥା ବିଧାନସଭା ପ୍ରଭାରୀ ଅଶୋକ କୁମାର ପରିଜା, ସଂଯୋଜକ ପ୍ରକାଶ ମହାପାତ୍ର ଓ ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ କଳ୍ପନା ଜେନା ଉଦ୍‌ବୋଧନ ଦେଇଥିଲେ।

ଜିଲା ଉପସଭାପତି ଜଗବନ୍ଧୁ ଦାସ, ପଙ୍କଜିନୀ ଲେଙ୍କା, ଜିଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଚୈତାଳି ଖିଲାର, କୃଷକ ମୋର୍ଚ୍ଚା ରାଜ୍ୟ କମିଟି ନେତା ଶଙ୍କର୍ଷଣ ଜେନା, ବିଭିନ୍ନ ମଣ୍ଡଳ ସଭାପତି ଶ୍ରୀଧର ସ୍ୱାଇଁ, ନବ କିଶୋର ବଳ, ଶିବାନନ୍ଦ ଦାସ ଅଧିକାରୀ, ଖଗେଶ୍ୱର ବେହେରା, ସରପଞ୍ଚ ମାନସ ରଞ୍ଜନ ପହି, ଇଂ. ପ୍ରମୋଦ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସମିତି ସଦସ୍ୟ ଉଦ୍ଧବ ସେଠୀ, ପ୍ରତାପ ଦ୍ୱିବେଦୀ, ସନ୍ତୋଷ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ତଥା ସରପଞ୍ଚ ମାନସ ରଞ୍ଜନ ପହି ସ୍ୱାଗତ ଭାଷଣ ଓ ସରପଞ୍ଚ ପ୍ରମୋଦ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

**ଭାଜପାର ବିଧାନସଭାସ୍ତରୀୟ ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀ**




ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

# ସକାଳୁ ଉଠାଇଲେ, ସନ୍ଧ୍ୟାରେ ବସିଲେ

- ଫୁଟ୍‌ପାଥ୍‌ରୁ ଜବରଦଖଲ ଉଚ୍ଛେଦ ଆରମ୍ଭ
- ଦୁର୍ଘଟଣା ପରେ ଚେତିଲା ପ୍ରଶାସନ

କେନ୍ଦୁଝର,୧୩।୭( ନରେଶ ଚନ୍ଦ୍ର ପଟ୍ଟନାୟକ)

ଦୀର୍ଘ ବର୍ଷ ଧରି କେନ୍ଦୁଝର ସହରରେ ଫୁଟ୍‌ପାଥ୍ ଜବରଦଖଲ ଯୋଗୁ ଦେଖାଦେଇଥିବା ଟ୍ରାଫିକ୍ ସମସ୍ୟାର ସାମୟିକ ଭାବେ ସମାଧାନ ହୋଇଛି। ବୁଧବାର ଏକ କାଠ ବୋଝେଇ ପିକ୍‌ଅପ୍ ଫୁଟ୍‌ପାଥ୍‌ରେ ଚଢ଼ିଯାଇଥିବା ବେଳେ ବଡ଼ ଦୁର୍ଘଟଣା ଅଳ୍ପକେ ଟଳିଯାଇଥିଲା। ଘଟଣା ପରେ ଗୁରୁବାର ପୌର ପ୍ରଶାସନ ପକ୍ଷରୁ ଉଚ୍ଛେଦ ପରେ ରାସ୍ତାରେ ଯାତାୟାତ ସୁବିଧା ହୋଇଛି। ତେବେ ସକାଳୁ ବ୍ୟବସାୟୀଙ୍କୁ ଉଠାଯାଇଥିବା ବେଳେ ସନ୍ଧ୍ୟାରେ ପୁଣି ଫୁଟ୍‌ପାଥରେ ବସି ବ୍ୟବସାୟ କରୁଥିବା ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, କେନ୍ଦୁଝରଗଡ଼ ପୌରପାଳିକା ଏବଂ ପୋଲିସ ମିଳିତ ସହଯୋଗରେ ଏହି ଉଚ୍ଛେଦ କରାଯାଇଛି। ବୁଧବାର ପରେ ବି ଗୁରୁବାର ସକାଳେ ଫୁଟ୍‌ପାଥ୍‌ରେ ବସି ପୂର୍ବ ଭଳି ବହୁ ସଂଖ୍ୟାରେ ବେପାରୀ ବିକ୍ରି କରୁଥିଲେ। ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଗାନ୍ଧୀଛକ ଓ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟଠାରୁ ସିରାଜୁଦ୍ଦିନ ଛକ ପର୍ଯ୍ୟନ୍ତ ଫୁଟ୍‌ପାଥ୍ ଉପରେ ବସିଥିବା ବେପାରୀ ତଥା ରାସ୍ତାକଡ଼ରେ ଠେଲା ଲଗାଇ ବ୍ୟବସାୟ କରୁଥିବା ଫଳ, ଡ୍ରେସ୍, ଜୋତା, ଖାଦ୍ୟ ସାମଗ୍ରୀ ଆଦି ବ୍ୟବସାୟୀଙ୍କୁ ଉଠାଯାଇଥିଲା। ବ୍ୟବସାୟୀମାନଙ୍କୁ କୃଷକ ବଜାର ଏବଂ ଜେଲ ଛକ ରାସ୍ତାରେ ଥଇଥାନ କରାଯାଇଛି। ପ୍ରଥମ ଦିନରେ ୪୦ ବ୍ୟବସାୟୀ ଅନ୍ୟତ୍ର ପଠାଯାଇଛି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମେଡିକାଲ ରାସ୍ତାରେ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ଫୁଟ୍‌ପାଥ୍‌ରେ ବ୍ୟବସାୟୀମାନେ ପୁଣି ବସିଲେ ଜରିମାନା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଜବରଦଖଲ ଉଚ୍ଛେଦ ଆଗକୁ ଚାଲୁ ରହିବ ବୋଲି ଟାଉନ ଥାନା ଅଧିକାରୀ ସୁନୀଲ କର ସୂଚନା ଦେଇଛନ୍ତି। ଅନ୍ୟପକ୍ଷେରେ କେତେକ ଦୋକାନ ସମ୍ମୁଖରେ ଥିବା ଜାଗାରେ ଭଡ଼ା ଦେବା ଫଳରେ ବହୁ ଅସ୍ଥାୟୀ ଦୋକାନ ହୋଇଛି। ଫଳରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇଛି। ସେମାନଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବରିଷ୍ଠ ସହାୟକ ଦୀପକ ବେହେରା କହିଛନ୍ତି। ମାତ୍ର ସନ୍ଧ୍ୟାରେ ବ୍ୟବସାୟୀ ପୁଣି ଫୁଟ୍‌ପାଥରେ ବସିଥିବା ଦେଖାଯାଇଥିଲା। ସୂଚନାଯୋଗ୍ୟ, ମଙ୍ଗଳବାର ଏକ କାଠ ବୋଝେଇ ପିକ୍‌ଅପ୍ ଫୁଟ୍‌ପାଥରେ ଚଢ଼ିଯାଇଥିଲା। ଏଥିରେ ଜଣେ ମହିଳା ବ୍ୟବସାୟୀ ଆହତ ହୋଇଥିଲେ।



ଫୁଟ୍‌ପାଥ୍ ବ୍ୟବସାୟୀ ଶୂନ୍ୟ।

## ବୈତରଣୀରୁ ମହିଳାଙ୍କ ଗଳିତ ମୃତଦେହ ଜବତ

ଆନନ୍ଦପୁର,(ସନ୍ତୋଷ ରାଉତ): କେନ୍ଦୁଝର ଜିଲା ଆନନ୍ଦପୁରଠାରେ ବୈତରଣୀ ନଦୀରୁ ଗୁରୁବାର ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ ହୋଇଛି। ବ୍ୟାରେଜ ନିକଟରେ ଘାସ ବୁଦା ମୂଳରେ ରହିଥିବା ମୃତଦେହକୁ ଆନନ୍ଦପୁର ପୋଲିସ ଓ ଅଗ୍ନିଶମ ବିଭାଗ ଦ୍ୱାରା ବାହାର କରାଯାଇ ବ୍ୟବଚ୍ଛେଦ୍ ପାଇଁ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ମୃତଦେହ କାହାର ଓ କେଉଁ ପରିସ୍ଥିତିରେ ନଦୀକୁ ଆସିଲା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି।

### ସଂକ୍ଷେପରେ

## ବୃଦ୍ଧାଙ୍କ ବେକରୁ ସୁନାହାର ଝାମ୍ପିନେଲେ

ବାରିପଦା,୧୩।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ): ବାରିପଦା ସହର ମଧ ଦେଇ ଯାଇଥିବା ୧୮ ନଂ. ଜାତୀୟ ରାଜାପଥ ପାର୍ଶ୍ୱରେ ଥିବା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରୁ ଦୁର୍ବୃତ୍ତ ଜଣେ ବୃଦ୍ଧାଙ୍କ ବେକରୁ ସୁନାହାର ଝାମ୍ପି ନେଇଛନ୍ତି। ଏ ନେଇ ଭଞ୍ଜପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସ୍ଥାନୀୟ ମୁର୍ଗାବାଡ଼ି ଅଞ୍ଚଳର ଗୁଣ୍ଡନ ଶର୍ମିଳା (୫୯) ସନ୍ଧ୍ୟାରେ ପରିବା କିଣିବା ପାଇଁ ଯାଉଥିଲେ। ସେ ସମୟରେ ୩ ଲୁଟେରା ଏକ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନା ହାର ଝାମ୍ପି ନେଇ ଚମ୍ପଟ ମାରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ହାରଟିର ମୂଲ୍ୟ ୬୦ ହଜାର ଟଙ୍କା ହେବ ବୋଲି କହିଛନ୍ତି।

## ଟ୍ରେନ୍ ଆଗକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା

ଜଳେଶ୍ୱର,୧୩।୭(ରବିନାରାୟଣ ପାତ୍ର): ଜଳେଶ୍ୱର ବ୍ଲକ ଅଧୀନ ଶ୍ରୀରାମପୁର ଗ୍ରାମର ଜଗନ ମଲ୍ଲିକଙ୍କ ସ୍ତ୍ରୀ ସୁରମା ମଲ୍ଲିକ (୨୨) ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ତେବେ ଯୌତୁକ ପାଇଁ ଶାଶୁଘର ଲୋକେ ସୁପରିକଳ୍ପିତ ଭାବେ ତାଙ୍କୁ ଟ୍ରେନ୍ ଆଗକୁ ଠେଲି ତାଙ୍କୁ ମାରିଦେଇଥିବା ସୁରମାଙ୍କ ବାପଘର ଲୋକେ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବୁଧବାର ସନ୍ଧ୍ୟାରେ ସୁରମା କଟକ ଯିବାପାଇଁ ଶାଶୁ, ଶ୍ୱଶୁରଙ୍କ ସହିତ ଜଳେଶ୍ୱର ଷ୍ଟେଶନକୁ ଆସିଥିବା ବେଳେ ଟ୍ରେନ୍ ଆଗକୁ ଡେଇଁ ପଡ଼ିଥିଲେ। ସେ ୭ ମାସର ଗର୍ଭବତୀ ଥିବା ବେଳେ ରେଲୱେ ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

## ଟ୍ରକ୍‌କୁ ପିଟିଲା ଟ୍ରକ୍, ୪ଗୁରୁତର

କେନ୍ଦୁଝର,୧୩।୭ (ନରେଶ ଚନ୍ଦ୍ର ପଟ୍ଟନାୟକ) :କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୪୯ନମ୍ବର ଜାତୀୟ ରାଜପଥ ପୁତୁଲିପାଣି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବ୍ରେକଡାଉନ ହୋଇ ଛିଡ଼ା ହୋଇଥିବା ଟ୍ରକ୍ ପଛରେ ଅନ୍ୟ ଏକ ଟ୍ରକ୍ ପିଟି ହେବାରୁ ୪ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ଟାଉନ ଥାନା ଅନ୍ତର୍ଗତ ଆଟପୁର ରଙ୍ଗାପାଟସାହିର ସଞ୍ଜୁ ନାଏକ(୪୨), ସୁନ୍ଦରୀ ନାଏକ(୪୫), ପ୍ରମିଳା ନାଏକ(୪୦), ପଦ୍ମିନୀ ନାଏକ(୪୩)। ଏଥିରେ ଆଟପୁର ରଙ୍ଗାପାଟ ସାହିର ରାଣୀ ନାଏକ(୬୦), ଟିଁଣୁ ନାଏକ(୨୭), ଜଗନ ନାଏକ(୧୪) ଆହତ ହୋଇଥିଲେ। ସମସ୍ତେ ଗୁରୁବାର ବାଂଶପାଳ ହାଟରୁ ବ୍ୟବସାୟ ପାଇଁ ଆମ୍ବସଢ଼ା କିଣି ପୁତୁଲିପାଣି ନିକଟରୁ ୧୨ଚକିଆ ଟ୍ରକ୍‌ରେ କେନ୍ଦୁଝର ଅଭିମୁଖେ ଫେରୁଥିଲେ। ତେବେ ପୁତୁଲିପାଣି ଛକ ରାସ୍ତା ନିକଟରେ ଦୁଇଟି ବଳଦ ଗାଡ଼ି ଆଗକୁ ଚାଲି ଆସିବାରୁ ବଳଦଙ୍କୁ ବଞ୍ଚାଇବାକୁ ଯାଇ ଚାଳକ ବ୍ରେକ୍ ଡାଉନ ହୋଇ ଛିଡା ହୋଇଥିବା ଟ୍ରକ୍‌କୁ ପିଟି ଦେଇଥିଲେ। ଗୁରୁତର ଓ ଆହତଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସଦର ପୋଲିସ ପହଞ୍ଚି ଗାଡ଼ି ଜବତ କରି ତଦନ୍ତ ଚଳାଇଛି।

# ଅସରାଏ ବର୍ଷାରେ ବ୍ଲକ କାର୍ଯ୍ୟାଳୟ ଜଳବନ୍ଦୀ

ବାସୁଦେବପୁର, ୧୩।୭ (ନାରାୟଣ ପ୍ରସାଦ ବାରିକ୍)


ବ୍ଲକ କାର୍ଯ୍ୟାଳୟ ପରିସରରେ ପାଣି ଜମି ରହିଛି।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟରେ ଗୁରୁବାର କୃତ୍ରିମ ବନ୍ୟା ଦେଖିବାକୁ ମିଳିଛି। ଅପରାହ୍ନରେ ଅସରାଏ ବର୍ଷାରେ ଅଫିସ୍ ପରିସର ଜଳମଗ୍ନ ହୋଇଛି। ଆଣ୍ଠୁଏ ଉଚ୍ଚର ପାଣି ଜମି ରହିବା ଫଳରେ ବନ୍ୟାର ଭ୍ରମ ସୃଷ୍ଟି କରିଛି। ବାସୁଦେବପୁର ଅତୀତରେ ୨ଥର ଶ୍ରେଷ୍ଠ ବ୍ଲକ ଭାବେ ପୁରସ୍କୃତ ହୋଇଛି। ହେଲେ ବ୍ଲକର ଅବସ୍ଥା କହିଲେ ନ ସରେ। ରାଜ୍ୟ ସରକାର ଭିତ୍ତିଭୂମି ବିକାଶ ପାଇଁ ପର୍ଯ୍ୟାପ୍ତ ଅର୍ଥ ମଞ୍ଜୁର କରୁଛନ୍ତି। ତାହାର ବିନିଯୋଗରେ ପଞ୍ଚାୟତର ବିକାଶ ହେଉଥିବା ବେଳେ ବ୍ଲକ କାର୍ଯ୍ୟାଳୟରେ ଏପରି ସମସ୍ୟା ଦେଖିବାକୁ ମିଳୁଛି। ଅଫିସ୍ ପରିସର କଂକ୍ରିଟ ହୋଇଥିବା ବେଳେ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ଠିକ୍ ଭାବେ କରାଯାଇ ନ ଥିବାରୁ ଏଭଳି ସମସ୍ୟା ଏଭଳି ସ୍ଥିତି ସୃଷ୍ଟି ହୋଇଛି। ବର୍ଷାପାଣି ଜମି ରହିଥିବାରୁ ବ୍ଲକ କାର୍ଯ୍ୟାଳୟକୁ ଯିବାଆସିବା କରିବା କଷ୍ଟକର ହୋଇଛି। ବ୍ଲକରେ ମାଲ ମାଲ ଯନ୍ତ୍ରୀ କାର୍ଯ୍ୟ କରୁଥିବା ବେଳେ ବ୍ଲକ ଅଫିସ୍ ପରିସରରେ କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହେବା ଯନ୍ତ୍ରୀ ଓ ଅଧିକାରୀଙ୍କ କାର୍ଯ୍ୟ ପ୍ରତି ସନ୍ଦେହ ସୃଷ୍ଟି କରିଛି। ଡ୍ରେନେଜ୍ ବ୍ୟବସ୍ଥା ପ୍ରତି କାହାରି ନିଘା ନାହିଁ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ବ୍ଲକ ପରିସରରେ ଥିବା ସିଡିପିଓ,

### ଯନ୍ତ୍ରୀ ମାଲମାଲ, ଡ୍ରେନେଜ ବ୍ୟବସ୍ଥା ପ୍ରତି ନିଘା ନାହିଁ

ପରିସଂଖ୍ୟାନ, ଯୋଗାଣ ବିଭାଗ, ମୋ ସରକାର, ବିଡିଓଙ୍କ କାର୍ଯ୍ୟାଳୟ ଆଦି ଜଳଘେରରେ ରହିଛି। ସେହିପରି ସାମାନ୍ୟ ବର୍ଷା ହେଲେ ବ୍ଲକର ପ୍ରବେଶପଥରେ ପାଣି ଜମି ରହି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏ ସମ୍ପର୍କରେ ବିଡିଓ ସତ୍ୟଜିତ ରାଉତ କହିଛନ୍ତି, ଡ୍ରେନେଜ ବ୍ୟବସ୍ଥା ଠିକ୍ ଭାବେ କରିବାକୁ ପଦକ୍ଷେପ ନିଆଯାଉଛି। ବ୍ଲକର ଉତ୍ତର ଦିଗରେ ଏକ ନୂତନ କୋଠାଘରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହା ଜଳ ନିଷ୍କାସନରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଏହି ଦିଗରେ ଥିବା ଡ୍ରେନ୍‌କୁ ସଫେଇ କରାଯାଇ ମୁଖ୍ୟ ଡ୍ରେନ୍‌କୁ ସଂଯୋଗ ହେଲେ ଜଳ ନିଷ୍କାସନ ହେବ।

# ଗାଁରେ ବୁଲିଲେ, ସମସ୍ୟା ବୁଝିଲେ କେନ୍ଦ୍ରମନ୍ତ୍ରୀ


କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ।

ମୋରଡ଼ା,୧୩।୭(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନସ୍ଥ ପଳାସମୁଣ୍ଡୁଳି ପଞ୍ଚାୟତର ହରେକୃଷ୍ଣପୁର ମାହାଲୀ ସାହିରେ ଗୁରୁବାର କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ବୁଲି ଲୋକଙ୍କ ସମସ୍ୟା ବୁଝିଛନ୍ତି। ସାହିରେ ରାସ୍ତା, ଜଳ ଆଦି ସମସ୍ୟା ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ସମାଧାନ ନିମନ୍ତେ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ମୋରଡ଼ା ନିର୍ବାଚନମଣ୍ଡଳୀର ଭାଜପାର ପୂର୍ବତନ ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ମହାପାତ୍ର ସାହିରେ ପହଞ୍ଚିଥିଲେ। ମାହାଲୀସାହିର ଅବସ୍ଥା ଦେଖି ସେ ସଙ୍ଗେ ସଙ୍ଗେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଡାକିଥିଲେ। ଉଭୟେ ଉକ୍ତ ଗାଁର ଲୋକମାନଙ୍କ ସହିତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସାହିରେ ୪୨ ପରିବାର ବସବାସ କରୁଥିଲେ ମଧ ଆଜି ଯାଏଁ ପକ୍କାଘର ମିଳିନାହିଁ, ଫଳରେ ତମ୍ବୁ ତଳେ ଆଶ୍ରୟ ନେଉଛନ୍ତି। ସେହିପରି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନାହିଁ କି ଗାଁକୁ ଯୋଗାଯୋଗ ପାଇଁ ରାସ୍ତା ନାହିଁ। ସାହିରୁ ଦୁଇରୁ ତିନି କିଲୋମିଟର ଦୂରରେ ଅଙ୍ଗନବାଡ଼ି ଥିବାରୁ ଏଠାରେ ଏକ ମିନି ଅଙ୍ଗନବାଡ଼ି କରିବାକୁ କେନ୍ଦ୍ରମନ୍ତ୍ରୀ ମୋରଡ଼ା ବିଡିଓ ଓ ଉପରସ୍ଥ ଅଧିକାରୀଙ୍କ ସହିତ କଥା ହୋଇଥିଲେ। ଗାଁରେ ଯଥାଶୀଘ୍ର କିପରି ସମସ୍ତ ସମସ୍ୟା ସମାଧାନ ହୋଇ ପାରିବ ସେ ବାବଦରେ ତୁରନ୍ତ ପଦକ୍ଷେପ ନେବା ପାଇଁ କହିଥିଲେ। ଦରକାର ପଡ଼ିଲେ ଶ୍ରୀ ଟୁଡୁ ଏମ୍‌ପି ଫଣ୍ଡରୁ ଅନୁଦାନ ଦେଇ ଏକ ନଳକୂପ ବସାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

ରାଇରଙ୍ଗପୁର,୧୩।୭(ମନୋରଞ୍ଜନ ତିରିଆ/ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବାମନଘାଟି ଉପଖଣ୍ଡର ଜାମଦା ଥାନା ଅଧୀନ ହେଁସଡ଼ା ପଞ୍ଚାୟତ ଜଟାପାଣି ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯଶିପୁର ଥାନା ଅନ୍ତର୍ଗତ ଭକିଆ ଗ୍ରାମର ହେମନ୍ତ କୁମାର ଜେରାଇ(୨୪)। ସୂଚନା ଅନୁଯାୟୀ, ଭକିଆର ୧୦ଜଣ ଯୁବକଙ୍କ ସହ ସେ ଜଟାପାଣିରେ ରହି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥାର ପାଣି ଟାଙ୍କି ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ବୁଧବାର ସନ୍ଧ୍ୟାରେ କାମସାରି ସେମାନେ ରହୁଥିବା କ୍ୟାମ୍ପକୁ ଫେରିଥିଲେ। ସେଠାରେ ଆଲୁଅ ଜାଳିବା ପାଇଁ ବିଦ୍ୟୁତ୍ ତାର ସଂଯୋଗ କରୁଥିବା ବେଳେ ଅସାବଧାନତା ଯୋଗୁ ହେମନ୍ତ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ଅଧା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ମୃତ ହେମନ୍ତଙ୍କ ବଡ଼ଭାଇ ଦୁଷ୍ମନ୍ତଙ୍କ ଏତଲାକ୍ରମେ ଜାମଦା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୩) ରୁଜୁ ହୋଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ମା’ ତାରିଣୀଙ୍କ ଆଷାଢ଼ୀ ପର୍ବ ପାଳିତ



ଘଟଗାଁ,୧୩।୭(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁର ଅଧିଷ୍ଠାତ୍ରୀ ଦେବୀ ମା’ ତାରିଣୀଙ୍କ ଆଷାଢ଼ୀ ପର୍ବ ଗୁରୁବାର ପାଳିତ ହୋଇଯାଇଛି। ମା’ଙ୍କ ମନ୍ଦିର ସମେତ ପରିସରରେ ଥିବା ଦୁଆରଶୁଣି ମନ୍ଦିର ଦିନ ତମାମ ବନ୍ଦ ରହିଥିଲା। ସନ୍ଧ୍ୟା ୭ ଘଟିକାରୁ ମନ୍ଦିରର ପହଡ଼ ଖୁଲିବା ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଭିଡ଼ ଲାଗିଥିଲା। ଶ୍ୟାମ ସୁନ୍ଦର ଦେହୁରୀ, ପର୍ଶୁରାମ ଦେହୁରୀ, ସଦାନନ୍ଦ ଦେହୁରୀ, ନଟବର ଦେହୁରୀ ଯଯାତି କିଶୋର ଦେହୁରୀ, ଶରତ ଦେହୁରୀ ସମେତ ୧୫ରୁ ଊର୍ଦ୍ଧ୍ୱ ପୂଜକ ମା’ଙ୍କ ମାର୍ଜନା, ବଡ଼ସିଂହାର ବେଶ, ମଙ୍ଗଳ ଆଳତୀ ସହ ପୂଜାର୍ଚ୍ଚନା କରିଥିଲେ। ସମସ୍ତ ପୂଜା ବିଧି ପରେ ମା’ଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଘଟଗାଁ ଅଞ୍ଚଳର ୨୨ ଖଣ୍ଡ ମୌଜାର ମୁରବୀ ମା’ଙ୍କ ନିକଟରେ ଉପସ୍ଥିତ ରହି ପୂଜାଅର୍ଚ୍ଚନା କରିଥିଲେ। ନିଷାର୍ଦ୍ଧରେ ମା’ଙ୍କ ନିକଟରେ ଏକ ସ୍ୱତନ୍ତ୍ର ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରଶାସନ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଭକ୍ତଙ୍କୁ ଶୃଙ୍ଖଳା ଦର୍ଶନ ପାଇଁ ପୁଲିସ ପ୍ରଶାସନ ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା।

## କୋରାନ ପୋଡ଼ିକୁ ନେଇ ମୁସଲିମ ଜମାତ୍‌ର ପ୍ରତିବାଦ

ଭଦ୍ରକ,୧୩।୭(ସନାତନ ରାଉତ)

ସ୍ୱିଡେନରେ ମୁସ୍‌ଲିମ ଧର୍ମାବଲମ୍ବୀଙ୍କ ପବିତ୍ର ଧର୍ମଗ୍ରନ୍ଥ କୋରାନ ପୋଡ଼ିବା ଘଟଣାକୁ ନେଇ ଭଦ୍ରକ ମୁସ୍‌ଲିମ ଜମାତ୍ ପକ୍ଷରୁ କଡ଼ା ନିନ୍ଦା କରାଯାଇଛି। ଧର୍ମୀୟ ଭାବନା ପ୍ରତି କୁଠାରଘାତ କରାଯିବା ପ୍ରତିବାଦରେ ଜମାତ ପକ୍ଷରୁ ଗୁରୁବାର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ପ୍ରକାଶଥାଉ କି, ସ୍ୱିଡେନରେ ଇଦ୍-ଉଲ୍-ଜୁହା ପର୍ବ ପାଳନ ଦିନ ଏହି ଘଟଣା ଘଟିଥିଲା। ଏହା ବିଶ୍ୱ ସମାଜ ପାଇଁ ନିନ୍ଦନୀୟ ଘଟଣା ବୋଲି ମୁସ୍‌ଲିମ ଜମାତର କର୍ମକର୍ତ୍ତାମାନେ ଦର୍ଶାଇଛନ୍ତି। ଜମାତର କାର୍ଯ୍ୟକାରୀ ସଭାପତି ମହମ୍ମଦ ଜକାଉଲ୍ଲା, ସମ୍ପାଦକ ହାଜି ଅବଦୁଲ ମୋକିତ ଖାଁ, ସମ୍ପାଦକ ଶେଖ୍ ସିରାଜୁଦ୍ଦିନ, ଜମିଲ ଅଖତର ଖାଁ, ହାଜି ଅନୱାର ହୋସେନ, ମୁସ୍ତାକ ଗୌହର, କୟୁମ ଅଲ୍ଲି ସାହା, ମିଡିଆ ସେଲ୍ ସଂଯୋଜକ ଶେଖ ଅନୱାର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


ଜମାତ କର୍ମକର୍ତ୍ତାମାନେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# କାଠ ଶିଳ୍ପ ପାଇଁ କରତକଳକୁ ଅନୁମତି ଦାବି

### ୨୧ରେ ଜିଲାପାଳଙ୍କ ଅଫିସ୍ ଆଗରେ ଗଣବିକ୍ଷୋଭ

ବାଲେଶ୍ୱର,୧୩।୭(ମାନସ ବିଶ୍ୱାଳ)



ଖବରଦାତା ସମ୍ମିଳନୀରେ ସଂଯୁକ୍ତ ଗଣ ପରିଷଦର କର୍ମକର୍ତ୍ତାମାନେ।

ବାଲେଶ୍ୱର ସହର ସ୍ଥାନୀୟ ଷ୍ଟେଶନ କ୍ଲବ ପରିସରରେ ସଂଯୁକ୍ତ ଗଣ ପରିଷଦ ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗଣ ପରିଷଦର ସଭାପତି ମଣିଭଦ୍ର ସାହୁ ଯୋଗଦେଇ କାଠ ଶିଳ୍ପ ସହ ସମ୍ପୃକ୍ତ ଜିଲାର ପ୍ରାୟ ୨୦ହଜାର ସ୍ୱାବଲମ୍ବୀ ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ବିଭିନ୍ନ ଦାବିରେ ଆସନ୍ତା ୨୧ ତାରିଖରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବା ବୋଲି ପ୍ରକାଶ କରିଛନ୍ତି।

ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଥିବା ଛୋଟ ଛୋଟ କରତକଳଗୁଡ଼ିକ ଚଳାଇବାକୁ ଅନୁମତି ପ୍ରଦାନ ନ କରିବାରୁ ଓ ବନବିଭାଗର ତାଗିଦ ଫଳରେ ଏହି କରତକଳଗୁଡ଼ିକ ଦୀର୍ଘଦିନ ହେବ ବନ୍ଦ ରହିଛି। ଫଳରେ କାଠଶିଳ୍ପକୁ ଭରସା କରି ଜୀବନ ଜୀବିକା ନିର୍ବାହ କରୁଥିବା ଶ୍ରମିକମାନେ ଚରମ ଦୁର୍ଦ୍ଦଶା ମଧ୍ୟରେ କାଳାତିପାତ କରୁଛନ୍ତି। ତେଣୁ ଏହି ବିଷମ ପରିସ୍ଥିତିକୁ ଜିଲା ପ୍ରଶାସନ, ବନବିଭାଗ ଓ ରାଜ୍ୟ ସରକାର ଅନୁଭବ କରି ବାଲେଶ୍ୱର ଜିଲାରେ ଏହି ବେଉସାରେ ଥିବା ପ୍ରାୟ ୨୦ହଜାର ପରିବାରଙ୍କ ସ୍ୱାର୍ଥପାଇଁ ଗ୍ରାମାଞ୍ଚଳରେ କରତକଳଗୁଡ଼ିକ ଚଳାଇବାପାଇଁ ଅନୁମତି ପ୍ରଦାନ କରନ୍ତୁ ଓ କରତକଳ ମାଲିକମାନଙ୍କୁ ପ୍ରତିବର୍ଷ ସରକାରୀ ଜାଗାରେ ନିଜ ଖର୍ଚ୍ଚରେ ଅନ୍ୟୁନ ୧ ହଜାର ବୃକ୍ଷଚାରା ରୋପଣ କରି ଏହାକୁ ୫ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବା ସର୍ତ୍ତରେ କରତକଳ ମାଲିକମାନଙ୍କୁ ଲାଇସେନ୍‌ସ ପ୍ରଦାନ କରନ୍ତୁ। ଗ୍ରାମାଞ୍ଚଳରେ ଗରିବ ଚାଷୀ ମୂଲିଆମାନଙ୍କୁ ସେମାନଙ୍କର ଜରୁରୀ ଗୁଜୁରାଣ ମେଣ୍ଟାଇବା ପାଇଁ ନିଜର ପରିପକ୍ୱ ଗଛକୁ ବିକ୍ରି କରିବାକୁ ଚାହୁଁଥିଲେ ଏହାକୁ ବନନିଗମ ଦ୍ୱାରା ସରକାରୀ ଦରରେ କିଣିବାର ବ୍ୟବସ୍ଥା କରାଯାଉ ବୋଲି ଦାବି କରିଥିଲେ। ଖବରଦାତା ସମ୍ମିଳନୀ ଗଣପରିଷଦର ସାଧାରଣ ସମ୍ପାଦକ ପ୍ରବୋଧ କୁମାର ପରିଡ଼ା ଓ କାଠକାରିଗର ସଂଘର ସମ୍ପାଦକ ମନ୍‌ସୁର ଅଲ୍ଲୀ ଖାଁଙ୍କ ସମେତ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ବରିଷ୍ଠ ଖବରଦାତା ରଞ୍ଜନ ବାଗ, ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀ, ଶ୍ରମିକନେତା ପ୍ରେମରଞ୍ଜନ ପାତ୍ର ଓ ଶ୍ୟାମସୁନ୍ଦର ଜେନା ଏବଂ ଗଣ ପରିଷଦର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com


@ସର୍ବେଶ୍ୱର


@ଗୀତାଞ୍ଜଳି

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ



ମଞ୍ଚରେ ଉପସ୍ଥିତ ଅତିଥିମାନେ।

ବାରିପଦା,୧୩।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱାବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସ ବିଶ୍ୱ ବିଦ୍ୟାଳୟ କନଭେକ୍ସନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧକ୍ଷତା କରି ବିଶ୍ୱବିଦ୍ୟାଳୟକୁ ଉତ୍ତରୋତର ଉନ୍ନତି ଦିଗରେ ସମସ୍ତ କର୍ମଚାରୀଙ୍କ ଭୂମିକା ରହିଛି ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଥିଲେ, ଗଣତନ୍ତ୍ରକୁ ସଜାଡ଼ିବା ପାଇଁ ଛାତ୍ର ସଂସଦର ଆବଶ୍ୟକତା ରହିଛି। ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ସ୍ତରରୁ ନେତୃତ୍ୱ ନେଲେ ଦେଶ ପରିବର୍ତ୍ତନ ହୋଇଥାଏ। ଭୟଭୀତ କିମ୍ବା ଡରି ନ ଯାଇ ସତ୍ୟର ପୂଜାରୀ ହେବାକୁ ସେ ପରାମର୍ଶ ଦେଇଛନ୍ତି। ନାମ ପରିବର୍ତ୍ତନ କରିଦେଲେ ଚରିତ୍ରର ପରିବର୍ତ୍ତନ ହୁଏ ନାହିଁ। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଆଦର୍ଶକୁ ଚରିତାର୍ଥ କରିବା ପାଇଁ ନିଜ ଜୀବନରେ ସୁଯୋଗ ସୃଷ୍ଟି କରିପାରିଲେ ଜୀବନ ସାର୍ଥକ ହେବ ବୋଲି କହିଥିଲେ। ଭାରତର ଆଧାତ୍ମିକତା ହିଁ ବିଶ୍ୱକୁ ମାର୍ଗନିର୍ଦ୍ଦେଶ କରିବ ବୋଲି ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ ମିଶ୍ର ବକ୍ତବ୍ୟରେ ପ୍ରକାଶ କରିଥିଲେ।

ଏହିଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାହିତ୍ୟିକ ଓ ଗବେଷକ ଭାବେ ପ୍ରସିଦ୍ଧିଲାଭ କରିଥିବା ମୟୂରଭଞ୍ଜ ଜିଲାର ଡ. ମୋହିତ ଷଡ଼ଙ୍ଗୀ ଓ କେନ୍ଦୁଝର ଜିଲାର ଐତିହ୍ୟ, ଭୌଗୋଳିକ, ପ୍ରତ୍ନତାତ୍ତ୍ୱିକ ଓ ରାଜନୈତିକ ଆଲେଖ୍ୟକୁ ନେଇ ହଳଧର ପଣ୍ଡାଙ୍କୁ ‘ଭୂମି ଗୌରବ ସମ୍ମାନ-୨୦୨୩’ରେ ସମ୍ମାନିତ କରାଯାଇଛି। ୨୦୧୯, ୨୦୨୦ ଓ ୨୦୨୧ ବର୍ଷରେ ବିଭିନ୍ନ ବିଷୟରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ୬୮ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ସହ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସ୍ମୃତିରେ ପୁରସ୍କାର ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର ଅଣଶିକ୍ଷା କର୍ମଚାରୀ ଗ୍ରୁପ-ସି ବର୍ଗରୁ ଉଜିତ କୁମାର ଦାସ ଓ ରାମଚନ୍ଦ୍ର ବାସ୍କେ, ଗ୍ରୁପ-ଡି ବର୍ଗରୁ ରଜନୀ ମାଝି ଓ ହିମାଂଶୁ ଶେଖର ମହାନ୍ତଙ୍କୁ ସର୍ବୋତ୍ତମ କର୍ମଚାରୀ ଭାବେ ସମ୍ମାନିତ କରାଯାଇଥିଲା। ସେହିପରି ଜାତୀୟ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କୁଳସଚିବ ସହଦେବ ସାମଧିଆ ବାର୍ଷିକ ବିବରଣୀ ପାଠ କରି ବିଶ୍ୱବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ବିଭାଗ ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଅତିଥି ପରିଚୟ ଦେଇଥିଲେ। ଅତିଥିଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର ନ୍ୟୁଜଲେଟର ଓ ବାର୍ଷିକ ରିପୋର୍ଟ ଉନ୍ମୋଚନ ହୋଇଛି। ବିତ ନିୟନ୍ତ୍ରକ ଅଧିକାରୀ ଶୁକଦେବ ତରେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୫ ବର୍ଷ ପରେ ରାଜ୍ୟରେ ନେତା ଅଭାବ ଦେଖାଦେବ: ସୌମ୍ୟ

ବାରିପଦା,୧୩।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଛାତ୍ରୀଛାତ୍ରଙ୍କ ନେତୃତ୍ୱକୁ ନେଇ ସରକାର ଓ ଅଧିକାରୀମାନେ ଭୟଭୀତ ହୋଇ ପଡ଼ିଥିବାରୁ ଛାତ୍ର ସଂସଦ ନିର୍ବାଚନକୁ ଉଦ୍ଦେଶ୍ୟ ମୂଳକ ଭାବେ ବନ୍ଦ କରାଯାଇଛି। ଏହା ଦ୍ୱାରା ଆଗାମୀ ୨୫ବର୍ଷ ପରେ ରାଜ୍ୟ ତଥା ଦେଶରେ ନେତୃତ୍ୱ ଅଭାବ ପରିଲକ୍ଷିତ ହେବ ବୋଲି ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି। ଗୁରୁବାର ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୌମ୍ୟ ଏହା କହିଛନ୍ତି। ସେ କହିଛନ୍ତି, ଗଣତନ୍ତ୍ରକୁ ସଜାଡିବା ନିମନ୍ତେ ଛାତ୍ର ସଂସଦର ଆବଶ୍ୟକତା ରହିଛି। ଛାତ୍ର ସମାଜ କ୍ରାନ୍ତିକାରୀ ଓ ପରିବର୍ତ୍ତନର ପ୍ରଥମ ପାହାଚ। ମାତ୍ର ଏବେ ବିଶ୍ୱ ବିଦ୍ୟାଳୟ ଅପେକ୍ଷା କରି ରହିଛି ବାହାର ତତ୍ତ୍ୱକୁ ନେତୃତ୍ୱ ଦେବାପାଇଁ। ସବୁ ସମାଜରେ ବିଶ୍ୱ ବିଦ୍ୟାଳୟ ନେତୃତ୍ୱ ଦେବା ଦରକାର। ବିଶ୍ୱ ବିଦ୍ୟାଳୟ ସ୍ତରରୁ ନେତୃତ୍ୱ ନେଇ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିବା ଦ୍ୱାରା ଛାତ୍ରୀଛାତ୍ରମାନେ ଅଞ୍ଚଳ ସହିତ ମାତୃଭୂମୀର ବିକାଶ କରିପାରିବେ। ମାତ୍ର ବିଶ୍ୱ ବିଦ୍ୟାଳୟ ବାହାରକୁ ପ୍ରଭାବିତ କରିବ ନା ବାହାରର ଦୁନିଆ ବିଶ୍ୱ ବିଦ୍ୟାଳୟକୁ ପ୍ରଭାବିତ କରିବ ସେ ନେଇ ଅଧାପନା କରୁଥିବା ଓ ଅଧାପିକା ଅଧାପକମାନେ ଚିନ୍ତା ପ୍ରକଟ କଲେ ଅନେକ ସୁଫଳ ମିଳିପାରିବ।

